ମହେଶ

ବନାମ

ମଧ୍ୟପ୍ରଦେଶ ରାଜ୍ୟ

ଅଗଷ୍ଟ 28,1996

[ଏ.ଏସ୍. ଆନନ୍ଦ ଏବଂ କେ.ଟି. ଥୋମାସ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ସଂହିତା, 1860:*

*ଧାରା 302,304 (ଭାଗ-1)— ପୀଡ଼ିତାଙ୍କ ଉପରେ ଫାର୍ସା ପ୍ରହାର କରି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇବା— ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପ୍ରତିରକ୍ଷା ଆଳକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା— ତଥାପି ଏହା, ଧାରା 302 ଅଧୀନରେ ଅପରାଧରୁ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲା ଏବଂ ଧାରା 304 (ଭାଗ-1) ଅନୁଯାୟୀ ଅପରାଧ ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା— ଉଚ୍ଚ ନ୍ୟାୟାଳୟ ଅପିଲରେ ଧାରା 302 ଅଧୀନରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ— ପରବର୍ତ୍ତୀ ଅପିଲରେ ଦର୍ଶାଯାଇଥିଲା:କୌଣସି ପୂର୍ବ ଯୋଜନା ବିନା ହଠାତ ଝଗଡ଼ା ସମୟରେ ମୃତକଙ୍କ ଉପରେ ଆକ୍ରମଣ କରାଯାଇଥିଲା— କେବଳ ଗୋଟିଏ ଆଘାତ କରାଯାଇଥିଲା— ତେଣୁ ଧାରା 300 କୁ ବ୍ୟତିକ୍ରମ-4 ସ୍ପଷ୍ଟ ଭାବରେ ପ୍ରଭାବିତ ହୋଇଥିଲା ଏବଂ ଅପରାଧଟି ଧାରା 304 (ଭାଗ- I) ଅଧୀନରେ ଆସିଥିଲା— ଉଚ୍ଚ ନ୍ୟାୟାଳୟଙ୍କ ଦୋଷୀ ସାବ୍ୟସ୍ତକୁ ରଦ୍ଦ କରାଯାଇଛି ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କ ଦୋଷସିଦ୍ଧିକୁ ପୁନଃସ୍ଥାପିତ କରାଯାଇଛି— ତଥାପି, ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା 2 ବର୍ଷ ପାଇଁ ଦଣ୍ଡ ଏବଂ 500 ଟଙ୍କା ଜୋରିମାନା ପରିବର୍ତ୍ତେ 6 ବର୍ଷର ଦଣ୍ଡାଦେଶ ଏବଂ 1000 ଟଙ୍କା ଜୋରିମାନା ଲାଗୁ କରାଯାଇଛି ।*

ଫୌଜଦାରୀ ଅପିଲୀୟ ଅଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 303/1993.

ସି ଆର୍ ଏଲ୍ ଏ ସଂଖ୍ୟା 730 /1985 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ 7.9.92 ତାରିଖର ରାୟ ଏବଂ ଆଦେଶରୁ

ଅପିଲକାରୀଙ୍କ ତରଫରୁ ଏଚ୍.ଏଲ୍. ଅଗ୍ରୱାଲ ଏବଂ ଅଶୋକ କୁମାର ଗୁପ୍ତା ।

ଉତ୍ତରଦାତାମାନଙ୍କ ପାଇଁ ୟୁ.ଏନ୍. ବଟାୱତ, ପ୍ରଶାନ୍ତ କୁମାର ଏବଂ ଉମା ନାଥ ସିଂହ ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

24.7.1983 ରେ କୃଷ୍ଣ କୁମାରଙ୍କ ହତ୍ୟା ପାଇଁ ଅପିଲକାରୀଙ୍କୁ ଆଇପିସିର ଧାରା 302 ଅନୁଯାୟୀ ଏକ ଅପରାଧ ପାଇଁ ବିଚାର କରାଯାଇଥିଲା । ଅଭିଯୋଜନଙ୍କ ମାମଲା ଅନୁଯାୟୀ, ମୃତକ, ପିଡବ୍ଲ୍ୟୁ-2 ପୁରୁଷୋତ୍ତମ ଏବଂ ପିଡବ୍ଲ୍ୟୁ-6 ବାଷ୍ଟାଙ୍କ ସହିତ ପୁରୁଷୋତ୍ତମ ଶର୍ମା ପିଡବ୍ଲ୍ୟୁ-1ର କ୍ଷେତରେ କୃଷି ଶ୍ରମିକ ଭାବେ କାମ କରୁଥିଲେ । 24.7.1983 ଦିନ ଅପରାହ୍ନ ପ୍ରାୟ 1ଟା ବେଳେ ମୃତକ ଏବଂ ଅନ୍ୟ ଶ୍ରମିକମାନେ ପି.ଡବ୍ଲ୍ୟୁ.-1ଙ୍କ ଅଧୀନରେ ଥିବା

କ୍ଷେତରେ ଚାଷ କରୁଥିବା ବେଳେ, ଅପିଲକାରୀ ତାଙ୍କ ଗୋରୁ ଚରାଇବା ପାଇଁ ସେଠାକୁ ଆସିଥିଲେ । ଗୋରୁମାନେ ପୁରୁଷୋତ୍ତମ ଶର୍ମା, ପିଡବ୍ଲ୍ୟୁ-1, ଙ୍କ କ୍ଷେତରେ ଯେଉଁଠାରେ ସୋୟାବିନ୍ ଫସଲ ଥିଲା, ତାଙ୍କ କ୍ଷେତରେ ପ୍ରବେଶ କଲାବେଳେ ମୃତକ ଏବଂ ପିଡବ୍ଲ୍ୟୁ-2 ତାଙ୍କୁ ତାଙ୍କ ଗୋରୁମାନଙ୍କୁ ନେଇଯିବାକୁ ଏବଂ ତାଙ୍କ ଗୋରୁମାନଙ୍କୁ ଫସଲ ନଷ୍ଟ ନ କରିବାକୁ କହିଥିଲେ । ତେବେ ଅପିଲକାରୀ ସେମାନଙ୍କ ଅନୁରୋଧ ପ୍ରତି କୌଣସି ଧ୍ୟାନ ଦେଇନଥିଲେ ଏବଂ କେବଳ ସେହି କ୍ଷେତରେ ହିଁ ଗୋରୁମାନଙ୍କୁ ଚରାଇବାକୁ ଜିଦ୍ ଧରିଥିଲେ । ମୃତକ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏହା ପରେ, ଅପିଲକାରୀ, କୃଷ୍ଣ କୁମାରଙ୍କ ମୁଣ୍ଡରେ ଏକ ଫାର୍ସା ପ୍ରହାର କରିଥିଲେ । ଆଘାତ ପାଇବା ମାତ୍ରେ, କୃଷ୍ଣ କୁମାର ତଳେ ପଡ଼ିଯାଇଥିଲେ ଏବଂ ତତକ୍ଷଣାତ୍ ମୃତ୍ୟୁବରଣ କରିଥିଲେ,  ପିଡବ୍ଲ୍ୟୁ-2 ଏବଂ ପିଡବ୍ଲ୍ୟୁ-6, ଶ୍ରୀ ଶର୍ମା, ପିଡବ୍ଲ୍ୟୁ-1 ଙ୍କୁ ଜଣାଇବାକୁ ଧାଇଁ ଆସିଥିଲେ, ଯିଏକି ସେଠାରେ ପହଞ୍ଚିଥିଲେ । ସେହି ଦିନ ଅପରାହ୍ନ ପ୍ରାୟ 3ଟା ବେଳେ ନରସିଂହପୁର ଥାନାରେ ପିଡବ୍ଲ୍ୟୁ-1 ପୁରୁଷୋତ୍ତମ ଶର୍ମାଙ୍କ ଦ୍ୱାରା ପ୍ରଥମ ସୂଚନା ବିବୃତି ଦାଖଲ କରାଯାଇଥିଲା । ତଦନ୍ତ ଅଧିକାରୀ, ଶ୍ରୀ ପ୍ରକାଶ ଚାନ୍ଦ ସୋନକର, ପିଡବ୍ଲ୍ୟୁ-9, ଏଫ୍ ଆଇ ଆର୍ ପଞ୍ଜୀକରଣ କରିବା ପରେ ଘଟଣା ସ୍ଥଳରେ ପହଞ୍ଚିଥିଲେ ଏବଂ ଅପମୃତ୍ୟୁ ତଦନ୍ତ ବିବୃତି ପ୍ରସ୍ତୁତ କରିବା ପରେ, କୃଷ୍ଣ କୁମାରଙ୍କ ଶବ ବ୍ୟବଚ୍ଛେଦ ପାଇଁ ନରସିଂହପୁର ଜିଲ୍ଲା ଡାକ୍ତରଖାନାକୁ ପଠାଇଥିଲେ, ଯେଉଁଠାରେ ଡାକ୍ତର ଏମ୍.ଆର୍. ଖାନ୍, ପିଡବ୍ଲ୍ୟୁ-10ଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ କରାଯାଇଥିଲା । ଡାକ୍ତର ଡାହାଣ ପାର୍ଶ୍ୱିୟ ଅଞ୍ଚଳରେ ଏକ କଟା କ୍ଷତ  ଚିହ୍ନ ପାଇଥିଲେ, ଯେଉଁଥିରେ ହାଡ଼ ଭାଙ୍ଗିଯାଇଥିଲା ଏବଂ ମସ୍ତିଷ୍କ କ୍ଷତିଗ୍ରସ୍ତ ହୋଇଥିଲା । ଡାକ୍ତରଙ୍କ ମତରେ, କୃଷ୍ଣ କୁମାରଙ୍କ ମୃତ୍ୟୁ ସେହି ଆଘାତର ପରିଣାମ ସ୍ୱରୂପ ହୋଇଥିଲା ଏବଂ ମୃତ୍ୟୁର କାରଣ ହେବା ପାଇଁ ପ୍ରକୃତିର ସାଧାରଣ ପ୍ରକ୍ରିୟାରେ ଆଘାତ ଯଥେଷ୍ଟ ବୋଲି ଜଣା ପଡ଼ିଥିଲା । ଅପିଲକାରୀଙ୍କୁ 26.7.1983 ରେ ଗିରଫ କରାଯାଇଥିଲା ଏବଂ ହେପାଜତରେ ଥିବା ସମୟରେ ସେ ସାକ୍ଷ୍ୟ ଅଧିନିୟମର ଧାରା 27 ଅନୁଯାୟୀ ଏକ ଖୁଲାସା ବିବୃତି ଦେଇଥିଲେ, ଯାହା ଫଳରେ ତାଙ୍କ ଘରର ଉପର ମହଲା ଛାତରୁ ଏକ ଫାର୍ସା ଉଦ୍ଧାର କରାଯାଇଥିଲା । ଏହି ଫାର୍ସାରେ ରକ୍ତ ଦାଗ ଥିବାର ଜଣାପଡ଼ିଥିଲା ଏବଂ ରାସାୟନିକ ପରୀକ୍ଷକ ଏବଂ ସେରୋଲୋଜିଷ୍ଟଙ୍କ କହିବା ଅନୁଯାୟୀ, ଏହା ଉପରେ ମିଳିଥିବା ରକ୍ତ ମାନବ ଶରୀରର ଥିଲା । ଅପିଲକାରୀଙ୍କୁ ବିଚାର ପାଇଁ ପଠାଯାଇଥିଲା । ଅଭିଯୋଜନଙ୍କ ପକ୍ଷରୁ ସାକ୍ଷ୍ୟକୁ ନଥିଭୁକ୍ତ କରିବା ପରେ ଏବଂ ସିଆର୍.ପି.ସି.ର ଧାରା 313 ଅନୁଯାୟୀ ଅପିଲକାରୀଙ୍କୁ ପରୀକ୍ଷା କରିବା ପରେ, 3.8.1984 ତାରିଖର ରାୟ ଅନୁଯାୟୀ ବିଚାର କରୁଥିବା ନ୍ୟାୟାଳୟ ଏହି ଉପସଂହାର ପହଞ୍ଚିଥିଲେ ଯେ, ଘଟଣାର ଦୁଇ ପ୍ରତ୍ୟକ୍ଷଦର୍ଶୀ ପିଡବ୍ଲ୍ୟୁ-2 ପୁରୁଷୋତ୍ତମ ମେହେରା ଏବଂ ପିଡବ୍ଲ୍ୟୁ-6 ବଡଙ୍କାଙ୍କ ଦ୍ୱାରା ଦିଆଯାଇଥିବା ପ୍ରମାଣ ଦୃଢ଼, ବିଶ୍ୱସ୍ତ ଏବଂ ନିର୍ଭରଯୋଗ୍ୟ ଥିଲା । ବିଚାର କରୁଥିବା ନ୍ୟାୟାଳୟ ଏହା ମଧ୍ୟ ଜାଣିବାକୁ ପାଇଥିଲେ ଯେ, ଡଃ.ଖାନ, ପିଡବ୍ଲ୍ୟୁ-10 ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଡାକ୍ତରୀ ସାକ୍ଷ୍ୟ ସେମାନଙ୍କର ଚାକ୍ଷୁଷ ପରିସାକ୍ଷ୍ୟକୁ ସମର୍ଥନ କରେ । ସାକ୍ଷ୍ୟର ମୂଲ୍ୟାଙ୍କନ କରି ବିଚାର କରୁଥିବା ନ୍ୟାୟାଳୟ ଜାଣିବାକୁ ପାଇଥିଲେ ଯେ, ଅପିଲକାରୀ ମୃତକଙ୍କ ମୁଣ୍ଡରେ ଫାର୍ସା ସାହାଯ୍ୟରେ ଆଘାତ କରିଥିଲେ, ଯେତେବେଳେ ସେ ଅପିଲକାରୀଙ୍କୁ ପୁରୁଷୋତ୍ତମ, ପିଡବ୍ଲ୍ୟୁ-1 ଙ୍କର  କ୍ଷେତରେ ତାଙ୍କ ଗୋରୁ ଚରାଇବାକୁ ବାରଣ କରିଥିଲେ ।  ତଥାପି, ବିଚାର କରୁଥିବା ନ୍ୟାୟାଳୟ ପ୍ରତିରକ୍ଷା ଆଳକୁ ଖାରଜ କରିବା ପରେ ଜାଣିପାରିଲେ ଯେ, ଅପିଲକାରୀଙ୍କ ମାମଲା ଆଇପିସିର ଧାରା 300 ର ବ୍ୟତିକ୍ରମ-4 ର ପରିସରଭୁକ୍ତ ଅଟେ  ଏବଂ ସେହି ନିଷ୍କର୍ଷର ସମର୍ଥନରେ କାରଣ ଦେବା ପରେ, ଅପିଲକାରୀଙ୍କୁ ଆଇପିସିର ଧାରା 304 (ଭାଗ-I) ଅନୁଯାୟୀ ଏକ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଆଇପିସିର ଧାରା 302 ଅନୁଯାୟୀ ତାଙ୍କୁ

ଅପରାଧରୁ ଦୋଷମୁକ୍ତ କରିଥିଲେ । ଅପିଲକାରୀଙ୍କୁ ଆଇପିସିର ଧାରା 304 (ଭାଗ-1) ଅନୁଯାୟୀ ଅପରାଧ ପାଇଁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ଏବଂ 500 ଟଙ୍କା ଜୋରିମାନା ଦେବାକୁ କୁହାଯାଇଥିଲା ଏବଂ ଜୋରିମାନା ଅନାଦେୟ ହେଲେ, ଆଇପିସିର ଧାରା 304 (ଭାଗ-I) ଅନୁଯାୟୀ ଅପରାଧ ପାଇଁ ଆହୁରି ଚାରି ମାସ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ । ରାଜ୍ୟ ଆଇପିସି ର ଧାରା 302 ଅନୁଯାୟୀ ଅପରାଧ ପାଇଁ ଅପିଲକାରୀଙ୍କୁ ଦୋଷ ମୁକ୍ତି କରିବା ବିରୁଦ୍ଧରେ ଏକ ଅପିଲକୁ ଆଗତ କରିଥିଲା । 7.9.1992 ତାରିଖର ରାୟ ଅଧୀନରେ ଉଚ୍ଚ ନ୍ୟାୟାଳୟ ଜାଣିପାରିଲେ ଯେ, ଅପିଲକାରୀଙ୍କ ଦ୍ୱାରା କରାଯାଇଥିବା ଅପରାଧ ଆଇପିସିର ଧାରା 302 ଅନୁଯାୟୀ ଦଣ୍ଡନୀୟ ଏବଂ ଆଇପିସିର ଧାରା 304 (ଭାଗ-1) ଅନୁଯାୟୀ ଏକ ଅପରାଧ ପାଇଁ ତାଙ୍କର ଦଣ୍ଡବିଧାନକୁ ନଥିଭୁକ୍ତ କରିବା ଭୁଲ ଏବଂ ନ୍ୟାୟସଙ୍ଗତ ନୁହେଁ । ଫଳସ୍ୱରୂପ ରାଜ୍ୟ ଅପିଲକୁ ଅନୁମତି ଦିଆଯାଇଥିଲା ଏବଂ ଅପିଲକାରୀଙ୍କୁ ଆଇପିସି ଧାରା 302 ଅନୁଯାୟୀ ଏକ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ସ୍ୱତନ୍ତ୍ର ଅନୁମତି ମଞ୍ଜୁର ହେବା ପରେ, ଅପିଲକାରୀ ଆମ ସମ୍ମୁଖରେ ଅଛନ୍ତି ।

ଆମେ ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ଏବଂ ନଥିକୁ ଅନୁଧ୍ୟାନ କରିଛୁ ।

ଆମ ମତରେ, ବିଚାର କରୁଥିବା ନ୍ୟାୟାଳୟ ତଥା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସାକ୍ଷ୍ୟର ତର୍ଜମା ଯଥାର୍ଥ, ସଠିକ ଏବଂ ଉପଯୁକ୍ତ । ଘଟଣା ଏବଂ ଆକ୍ରମଣର ଶୈଳୀ ବିଷୟରେ ପିଡବ୍ଲ୍ୟୁ-2 ଏବଂ ପିଡବ୍ଲ୍ୟୁ-6 ଙ୍କ ଦ୍ୱାରା ଦିଆଯାଇଥିବା ପ୍ରମାଣ ଦୃଢ, ସୁସଂଗତ ଏବଂ ଆମକୁ ବିଶ୍ୱାସଯୋଗ୍ୟ ଭାବରେ ପ୍ରଭାବିତ କରିଛି । ଜେରାରେ ସେମାନଙ୍କର ପ୍ରମାଣ ଅପରିବର୍ତ୍ତିତ ରହିଛି ଏବଂ ଏପରି କିଛି ଦର୍ଶାଯାଇନାହିଁ ଯାହା କୌଣସି ପ୍ରକାରେ ସେମାନଙ୍କ ପରିସାକ୍ଷ୍ୟକୁ ଅସ୍ୱୀକାର କରିପାରେ । ଏହି ପ୍ରତ୍ୟକ୍ଷଦର୍ଶୀମାନଙ୍କ ସାକ୍ଷ୍ୟ ସହିତ ଫାର୍ସାର ପୁନରୁଦ୍ଧାର ଏବଂ ଡଃ. ଖାନ୍, ପିଡବ୍ଲ୍ୟୁ-10 ଙ୍କ ଦ୍ୱାରା ଦିଆଯାଇଥିବା ଡାକ୍ତରୀ ସାକ୍ଷ୍ୟ, ଅପିଲକାରୀଙ୍କୁ ଅପରାଧ ସହିତ ସଂଯୋଗ କରୁଛି, ଅର୍ଥାତ୍, ମୃତକଙ୍କ ଉପରେ ଆକ୍ରମଣ, ଯାହାର ପରିଣାମ ସ୍ୱରୂପ ତାଙ୍କର ମୃତ୍ୟୁ ଘଟିଛି । ତେବେ ଅପରାଧର ପ୍ରକୃତିକୁ ନେଇ ପ୍ରଶ୍ନ ଉଠିଛି ।

ସାକ୍ଷ୍ୟର ଅନୁଧ୍ୟାନରୁ , ଆମେ ଜାଣିବାକୁ ପାଇଲୁ ଯେ, ଯେତେବେଳେ ଅପିଲକାରୀ ଗୋରୁମାନଙ୍କ ସହିତ କ୍ଷେତରେ ପହଞ୍ଚିଥିଲେ ସେତେବେଳେ ଆକ୍ରମଣ ପାଇଁ କୌଣସି ପୂର୍ବ ଯୋଜନା ନଥିଲା । ଘଟଣାସ୍ଥଳରେ ହିଁ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ହଠାତ ଝଗଡ଼ାରେ, ମୃତକ ଗାଈଗୋରୁଙ୍କୁ ଚରାଇବାକୁ ବିରୋଧ କରିବା ପରେ, ଯେତେବେଳେ ସମ୍ଭବତଃ ଉଭୟ ପକ୍ଷଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ କଥାବାର୍ତ୍ତା କିମ୍ବା ଏପରିକି ଗାଳିଗୁଲଜ ହୋଇଥିଲା, ସେତେବେଳେ ଅପିଲକାରୀ ଫାର୍ସା ଦ୍ୱାରା ମୃତକଙ୍କ ମୁଣ୍ଡରେ ଗୋଟିଏ ଆଘାତ ଦେଇଥିଲେ । ଅପିଲକାରୀଙ୍କ ବିବୃତି ଏବଂ ତାଙ୍କ ତରଫରୁ ଅଭିଯୋଜନର ସାକ୍ଷୀମାନଙ୍କୁ ଦିଆଯାଇଥିବା ପରାମର୍ଶ ଯେ, ମୃତକଙ୍କ ପାଖରେ ଥିବା ପାରେନା ସହିତ ମୃତକଙ୍କୁ ଆକ୍ରମଣ କରିବାର ପ୍ରୟାସ କରାଯାଇଥିଲା, ଅସମ୍ଭବ ବୋଲି ମନେ ହୁଏ ନାହିଁ । ତେଣୁ, ଘଟଣା ଘଟିବା ସମୟରେ ଅପିଲକାରୀ ଏବଂ ମୃତକ ଉପସ୍ଥିତ ଥିବା ହେତୁ, ଆମକୁ ଜଣାପଡୁଛି ଯେ, ଅପିଲକାରୀ ସେହି ଆକସ୍ମିକ ଝଗଡ଼ାରେ ମୃତକଙ୍କୁ ଆକ୍ରମଣ କରିଥିଲେ ଏବଂ ତାଙ୍କୁ ଗୋଟିଏ ଆଘାତ ଦେବା ପରେ ସେ ତାଙ୍କ ପଛକୁ ହଟି ଯାଇଥିଲେ । ସେ ମୃତକଙ୍କୁ ଅନ୍ୟ କୌଣସି ଆଘାତ ଦେଇନଥିଲେ ଏବଂ ସେଥିପାଇଁ ଏହା କୁହାଯାଇପାରିବ ନାହିଁ ଯେ ସେ କୌଣସି ନିଷ୍ଠୁର କିମ୍ବା ଅସ୍ୱାଭାବିକ ଢଙ୍ଗରେ କାର୍ଯ୍ୟ କରିଥିଲେ । ସ୍ୱୀକାରଯୋଗ୍ୟ ଯେ, ସେ ପିଡବ୍ଲ୍ୟୁ-2 କିମ୍ବା ପିଡବ୍ଲ୍ୟୁ-6 ଉପରେ ଆକ୍ରମଣ କରିନଥିଲେ, ଯେଉଁମାନେ ମୃତକଙ୍କ ସହିତ ମଧ୍ୟ ଉପସ୍ଥିତ ଥିଲେ

ଏବଂ ଯେଉଁମାନେ ଅପିଲକାରୀଙ୍କୁ ପିଡବ୍ଲ୍ୟୁ-1 କ୍ଷେତରେ ତାଙ୍କ ଗାଈଗୋରୁଙ୍କୁ ଚରିବାକୁ ନଦେବା ପାଇଁ ଅନୁରୋଧ କରିଥିଲେ । ଏହା ଆମର ବିଶ୍ୱାସକୁ ଦୃଢ଼ କରେ ଯେ, ମୃତକଙ୍କ ଉପରେ ଆକ୍ରମଣ କୌଣସି ପୂର୍ବ ଯୋଜନା ବିନା ହଠାତ୍ ଝଗଡ଼ା ସମୟରେ କରାଯାଇଥିଲା । ଏହି ବାସ୍ତବ ପରିସ୍ଥିତିରେ, ଆମର ମତ ହେଉଛି ଯେ, ଆଇପିସି ର ଧାରା 300 ର ବ୍ୟତିକ୍ରମ-4 ସ୍ପଷ୍ଟ ଭାବରେ ଅପିଲକାରୀଙ୍କ ମାମଲା ପ୍ରତି ପ୍ରଭାବିତ ହୋଇଛି ଏବଂ ଯେଉଁ ଅପରାଧରେ ଅପିଲକାରୀଙ୍କୁ ଦୋଷୀ ବୋଲି କୁହାଯାଇପାରେ ତାହା ଆଇ. ପି. ସି. ର ଧାରା 304 (ଭାଗ-I) ଅନୁଯାୟୀ ସମ୍ପୂର୍ଣ୍ଣ ରୂପେ ଆସିବ । ଏହି ପରିସ୍ଥିତିରେ  ବିଚାର କରୁଥିବା ନ୍ୟାୟାଳୟ ତାଙ୍କୁ ଉକ୍ତ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥାର୍ଥ ଥିଲା ଏବଂ ଉଚ୍ଚ ନ୍ୟାୟଳୟ ମଧ୍ୟ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଦେଇଥିବା କୌଣସି କାରଣକୁ ଖାରଜ ନକରି ଏଥିରେ ହସ୍ତକ୍ଷେପ କରି ଭୁଲ କରିଥିଲେ । ଆଇପିସିର ଧାରା 302 ଅନୁଯାୟୀ ଏକ ଅପରାଧ ପାଇଁ ଅପିଲକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ସମର୍ଥନ କରାଯାଇପାରିବ ନାହିଁ ଏବଂ ସେହି ଅନୁଯାୟୀ  ଆମେ ଏହାକୁ ରଦ୍ଦ କରିବୁ ଏବଂ ଏହା ପରିବର୍ତ୍ତେ ଆଇପିସିର ଧାରା 304(ଭାଗ-I) ଅପରାଧ ପାଇଁ ଅପିଲକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବୁ ।

କିନ୍ତୁ ଆମେ ଜାଣିବାକୁ ପାଇଲୁ ଯେ, ଆଇପିସିର ଧାରା 304 (ଭାଗ-I) ଅନୁଯାୟୀ ଅପରାଧ ପାଇଁ  2 ବର୍ଷ ସଶ୍ରମ କାରାଦଣ୍ଡ ଏବଂ 500 ଟଙ୍କା ଜୋରିମାନା ଦେବା ପାଇଁ ବିଚାର କରୁଥିବା ନ୍ୟାୟାଳୟରେ ନଥିଭୁକ୍ତ କରାଯାଇଥିବା ଦଣ୍ଡାଦେଶ ଯଥେଷ୍ଟ ନୁହେଁ ଏବଂ ଏହା ଅଯୌକ୍ତିକ ଥିଲା । ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ବିଚାର କରି, ଆମ ମତରେ ଏହି ମାମଲାରେ ଉପଯୁକ୍ତ ଦଣ୍ଡ ହେବ ଯେ, ଅପିଲକାରୀଙ୍କୁ ଆଇପିସିର ଧାରା 304 (ଭାଗ- I) ଅନୁଯାୟୀ ଅପରାଧ ପାଇଁ 1,000 ଟଙ୍କା ଜୋରିମାନା ସହିତ ଛଅ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ । ଜୋରିମାନା ଅନାଦେୟ ହେଲେ, ଅପିଲକାରୀଙ୍କୁ ଆହୁରି ଚାରି ମାସ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ।

ତେଣୁ, ଏହି ଅପିଲ ଉପରେ ଉଲ୍ଲେଖ କରାଯାଇଥିବା ପରିପ୍ରେକ୍ଷୀରେ ସଫଳ ହୋଇଛି ଏବଂ ଏହାକୁ ପରିସମାପ୍ତି କରାଯାଉଛି ।

ଜି.ଏନ୍ — ଅପିଲଟିକୁ ପରିସମାପ୍ତି କରାଗଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**